**The Samaja**
**Date: 23.09.2018**

## ଆଇଆଇଟିର ୭ମ ସମାବର୍ତ୍ତନ ଉତ୍ସବ

# ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତୁ



ଜଟଣୀ,୨୨।୯ (ନି.ପ୍ର): ଅରୁଗୁଳସ୍ଥିତ ଆଇଆଇଟିର ସପ୍ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଯୁକ୍ତି ବିଦ୍ୟା ପାସ୍ କରୁଥିବା ଛାତ୍ରଛାତ୍ରୀ ଚାକିରି ପଛରେ ନ ଗୋଡ଼ାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସଚିବ ପ୍ରଫେସର ଆଶୁତୋଷ ଶର୍ମା ଆହ୍ୱାନ ଦେଇଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସହ ଅନ୍ୟାନ୍ୟ ପାଠ୍ୟକ୍ରମ ଅଧ୍ୟୟନ କରିବା ଦ୍ୱାରା ଜଣେ ସବୁ କ୍ଷେତ୍ରରେ ସଫଳତା ହାସଲ କରିପାରିବ ବୋଲି ସେ କହିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଉପରେ ଅଧିକ ଗବେଷଣା କରିବାକୁ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଭୁବନେଶ୍ୱର ଆଇଆଇଟି ପରିଚାଳନା କମିଟିର ସଭାପତି ପଙ୍କଜ ରମଣିଭାଇ ପଟେଲ ଏଥିରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କ ଲକ୍ଷ୍ୟ ଦେଶର ବିକାଶ ପାଇଁ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଯିଏ ଯେତେ ଉପରକୁ ଯାଉନା କାହିଁକି ସମାଜ ଏବଂ ଗୁରୁଜନଙ୍କ ପ୍ରତି ଭକ୍ତି ଓ ଆଦର ଭାବ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର. ଭି.ରାଜକୁମାର ବିବରଣୀ ପାଠ କରିଥିଲେ। ଭୁବନେଶ୍ୱର ଆଇଆଇଟିରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୯୫ ଭାଗ ନିଯୁକ୍ତି ପାଇଥିବା ସେ ସୂଚନା ଦେଇଥିଲେ। କିଛି ବର୍ଷ ମଧ୍ୟରେ ଭୁବନେଶ୍ୱର ଆଇଆଇଟି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅନୁଷ୍ଠାନ ଭାବେ ଉଭା ହେବ ବୋଲି ସେ କହିଥିଲେ। ବି.ଟେକ୍, ଏମ୍.ଟେକ୍, ପିଏଚ୍‌ଡି ଏବଂ ଏମ୍‌ଏସ୍‌ସି ପାସ୍ କରିଥିବା ୩୧୭ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବି.ଟେକ୍ ଛାତ୍ର ଶ୍ରୀ ଏନ.ଦିବାକର,ଏମ୍. ଟେକ୍‌ର ଦେବଲୀନା ମୁଖାର୍ଜୀଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ଏବଂ ଏମ୍‌ଏସସିରେ ସାୟନ ରାୟଙ୍କୁ ଆଇଆଇଟି ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସେହିପରି ବିଭାଗୀୟ ସ୍କୁଲରେ ବି.ଟେକ୍‌ରେ ଏନ.ଦିବାକର, ଆର.ରାହୁଲ ରେଡ୍ଡି, କେ.ଲକ୍ଷ୍ମୀ ସାଇଶ୍ରୀ, ସ୍ନେହ ସୁସନ ଜର୍ଜ, ସୁଧାଂଶୁ ଶ୍ରୀବାସ୍ତବ, ଏମ.ଟେକ୍‌ରେ ଦେବଲୀନା ମୁଖାର୍ଜୀ, ବିକାଶ ଶର୍ମା, ବାରିକ ଅନସୂୟା ଅନୁପମା ସ୍ୱାତୀ, ପି.ସ୍ୱର୍ଣ୍ଣକାର, କେ.ରବିତେଜ୍, ଏନ.ଏନ ସୁଲତାନ ଏବଂ ଏମ.ଏସସିରେ ସାୟନ ରାୟ, ଅଣ୍ଣିତା ସିଂହ ରାୟ, ରାହୁଲ ରଣା ଏବଂ ଦୀପାଞ୍ଜଳି ହାଲଦାର ଇନ୍‌ଷ୍ଟିଚ୍ୟୁଟ ରୌପ୍ୟ ପଦକ ପାଇଥିଲେ। ଆଇଆଇଟିର ଡିନ୍ ଇଂ. ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ପ୍ରଫେସର ପିଆରପିଡ଼ି ରେଡ୍ଡି, ପ୍ରଫେସର ପ୍ରଭାତ ରଞ୍ଜନ ସାହୁ ଏବଂ କୁଳସଚିବ ଦେବରାଜ ରଥ ଯୋଗ ଦେଇଥିଲେ।